## ସଂକ୍ଷେପରେ

### ମା'ଙ୍କୁ ମାଡ ମାରି ପୁଅ ଗିରଫ

ଆସିକା, ୫।୫(ଡି.ଏନ୍.ଏ): ଗାଙ୍ଗପୁର ଥାନା ଅନ୍ତର୍ଗତ ବଡଦୋଡଙ୍ଗା ଗ୍ରାମରେ ନିଜ ମା'ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଅ ସୀମାଞ୍ଚଳ ପରିଡାଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ତାଙ୍କ ବିରୋଧରେ ଗାଙ୍ଗପୁର ଥାନାରେ ୩୨୭/୨୩ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ମା'ଙ୍କ ଦାୟିତ୍ୱ ନେବା ପରିବର୍ତ୍ତେ ତାଙ୍କୁ ମାଡ ମାରି ଦାନ୍ତ ଭାଙ୍ଗିଦେଇଥିବା ନେଇ ମା' ଚଞ୍ଚଳା ପରିଡା (୭୦) ପୋଲିସରେ ଅଭିଯୋଗ କରିଥିଲେ।

### ବସ୍-ସ୍କୁଟି ଧକ୍କା, ଜଣେ ଗୁରୁତର

ଜଗନ୍ନାଥପ୍ରସାଦ,୫।୫(ଡି.ଏନ.ଏ.): ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ସ୍ଥିତ ଛେଲାଖାଇ ୨୧ ନମ୍ବର ରାଜ୍ୟ ରାଜପଥରେ ବସ୍ ଓ ସ୍କୁଟି ମଧ୍ୟରେ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇ ଜଣ ହେଲେ ଭଞ୍ଜନଗର ଅଞ୍ଚଳର ବଳରାମ ପାଣିଗ୍ରାହୀ ଓ ଉମା ମହାପାତ୍ର। ସୂଚନାନୁସାରେ ଭୁବନେଶ୍ୱର ଠାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଏକ ଘରୋଇ ବସ ସହିତ ଏକ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସ୍କୁଟିରେ ଥିବା ବଳରାମ ଓ ଉମା ଗୁରୁତର ଭାବେ ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଦମକଳ ବାହିନୀ ଦ୍ୱାରା ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ବଳରାମଙ୍କୁ ଅଧିକ ଚିକିତ୍ସା ପାଇ ଭଞ୍ଜନଗର ଉପ ଚିକିତ୍ସାଳୟକୁ ପଠାଯାଇଥିଲା। ସ୍ଥାନୀୟ ପୋଲିସ ଘଟଣସ୍ଥଳରେ ପହଞ୍ଚି ବସ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ଧରାକୋଟ ବଜାରରୁ ଜବରଦଖଲ ଉଚ୍ଛେଦ ନିଷ୍ପତ୍ତି

ଧରାକୋଟ,୫।୫: ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧୀନରେ ରହିଛି ଧରାକୋଟ–ଜାନବିଲି ଚାରି କି.ମି ରାସ୍ତା । ଏହି ରାସ୍ତା ଛଅ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି। ଧରାକୋଟ ଟାଉନର ଉଭୟ ପଟରେ ରାସ୍ତା ନିର୍ମାଣ ଚାଲିଥିଲେ ମଧ୍ୟ ବଜାର ଅଞ୍ଚଳ ଜବରଦଖଲ ମଧ୍ୟରେ ରହିଛି। ରାସ୍ତା ଉପରକୁ କିଛି ଦୋକାନୀ ଜବରଦଖଲ କରି ରଖିଥିବା ବେଳେ ଉଭୟ ପଟର ଡ୍ରେନ ମଧ୍ୟ ଅଧିକାଂଶ ସ୍ଥାନରେ ଜବରଦଖଲ ହୋଇରହିଛି। ଫଳରେ ଡ୍ରେନ ଚୋକ୍ ହୋଇ ନାଳ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ରାସ୍ତା ସଂକୀର୍ଣ୍ଣ ହୋଇରହିଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ସମ୍ପ୍ରତି ପୂର୍ତ୍ତ ବିଭାଗ ତରଫରୁ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି । ଜବରଦଖଲ ଉଚ୍ଛେଦ ହେଲେ ବଜାର ରାସ୍ତା ସମ୍ପ୍ରସାରଣ ହେବା ସହ ଡ୍ରେନ ନିର୍ମାଣ ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ସେହିପରି ତହସିଲଦାରଙ୍କ ସହ ଯୋଗାଯୋଗ ବେଳେ ରାଜସ୍ୱ ଓ ପୂର୍ତ୍ତ ବିଭାଗ ଉପସ୍ଥିତିରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି।

# ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ

## ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

■ ୧୦୦ ସାଇକ୍ଲୋନ ସେଣ୍ଟର ଚିହ୍ନଟ

ଗଞ୍ଜାମ,୫।୫(ଡି.ଏନ.ଏ.)



ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ।

ଗଞ୍ଜାମ ବ୍ଲକ କନ୍‌ଫରେନ୍ସ ହଲଠାରେ ଶୁକ୍ରବାର ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ଜସ୍ମିନ ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ, ଜିପିଓ ଶ୍ରୀକାନ୍ତ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାତ୍ୟା ସମୟରେ ଏବଂ ବାତ୍ୟା ପରେ ଏସମସ୍ତ କ୍ଷେତ୍ରରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବିଡ଼ିଓ ପ୍ରଧାନ କହିଛନ୍ତି। ଏଥିପାଇଁ ୧୦୦ଟି ସାଇକ୍ଲୋନ ସେଣ୍ଟର ଚିହ୍ନଟ କରାଯାଇଛି।

ବିଶେଷକରି ଗର୍ଭବତୀ, ଶିଶୁ, ଭିନକ୍ଷମ ଓ ରୋଗୀ ବୃଦ୍ଧାବୃଦ୍ଧଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଡ଼ିଓ ସୂଚନା ଦେଇଥିଲେ। ପିଇବା ପାଣି, ବିଦ୍ୟୁତ ଏବଂ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକରେ ଜେନେରେଟର ବ୍ୟବସ୍ଥା ପାଇଁ ସରପଞ୍ଚମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ବାତ୍ୟା ସମୟରେ ୫ ଟି ବୋଟର ବ୍ୟବସ୍ଥା କରାଯିବ ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ୧୦ ରୁ ୧୨ ତାରିଖ ମଧ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସମୁଦ୍ରକୁ ଯିବାକୁ ଉପକୂଳ ବର୍ତ୍ତୀ ମତ୍ସ୍ୟଜୀବୀଙ୍କୁ ବାରଣ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ପୋଇରାଶି ପଞ୍ଚାୟତରେ ସାଇକ୍ଲୋନ ସେଣ୍ଟର ନ ଥିବା ହେତୁ ସେହି ପଞ୍ଚାୟବାସୀଙ୍କୁ ଖଣ୍ଡଦେଉଳୀ କଲେଜ ଓ ହାଇସ୍କୁଲକୁ ସ୍ଥାନାନ୍ତର କରିବାକୁ ଆଗୁଆ ନିଷ୍ପତ୍ତି ନିଆଯାଇଥିଲା। ସମ୍ଭାବ୍ୟ ବନ୍ୟା ଓ ବାତ୍ୟାରେ ଜଣେ ହେଲେ ବ୍ୟକ୍ତିଙ୍କୁ ମରିବାକୁ ଦିଆଯିବନି କିମ୍ବା ଧନଜୀବନ କ୍ଷତି ହେବାକୁ ଦିଆଯିବନି ବୋଲି ବିଡ଼ିଓ ସୂଚନା ଦେଇଛନ୍ତି।

# ହୋଇପାରିଲାନି ୫–ଟି ଲୋକାର୍ପଣ କାର୍ଯ୍ୟକ୍ରମ

ରାମଗିରି,୫।୫(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀଙ୍କ ବିଦ୍ୟାଳୟ ରୂପାନ୍ତରିକରଣର ଗୁରୁବାର ତୃତୀୟ ପର୍ଯ୍ୟାୟ ଥିଲା। ଓଡିଶାର ବିଭିନ୍ନ ଜିଲାର ମୋଟ ୩୫୭ ବିଦ୍ୟାଳୟ ଲୋକାର୍ପିତ ହୋଇଥିବା ସ୍ଥଳେ ଗଜପତି ଜିଲାର ସଂଖ୍ୟା ଥିଲା ୮୦। ମୁଖ୍ୟମନ୍ତ୍ରୀ ଏବଂ ୫ଟି ସଚିବ ଭିଡ଼ିଓ କନଫରେନ୍ସରେ ଲୋକାର୍ପିତ କରିଥିଲେ। ଗଜପତି ଜିଲା ଆର. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏସ୍‌ଏସ୍‌ଡି)ର ସ୍ଥିତି ଥିଲା ନିଆରା। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିନରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଂଜୀବ କୁମାର ନାୟକଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଅନ୍ୟ କର୍ମଚାରୀମାନେ ନିଜ ନିଜ ଘରକୁ ଚାଲି ଯାଇଥିଲେ। ଅଳ୍ପ କେତେକ ଶିକ୍ଷକ ଓ ଅଣଶିକ୍ଷକ ବିଦ୍ୟାଳୟରେ ଉପସ୍ଥିତ ଥିଲେ। କେବଳ ବିଦ୍ୟାଳୟରେ ବେଲୁନ ଲଗାଯାଇଥିଲା। କୌଣସି ସ୍ଥାନରେ ଏଲ୍‌ଇଡି ଲାଗିନଥିଲା କି କୌଣସି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ମଧ୍ୟ ଡକା ଯାଇନଥିଲା। ଏ ବିଷୟରେ ପ୍ରଧାନ ଶିକ୍ଷକ ସଂଜୀବ କୁମାର ନାୟକଙ୍କୁ ପଚାରିବାରୁ କାର୍ଯ୍ୟକ୍ରମରେ ଆମକୁ ପୂର୍ବରୁ ସୂଚନା ମିଳିନି କିମ୍ବା କେହି ଜଣାଇ ନାହାନ୍ତି ବୋଲି କହିଥିଲେ।

# ମିଠା ଦୋକାନୀଙ୍କୁ ଗିରଫ ପରେ ଜାମିନ

## ଦୋକାନ ସିଲ ଘଟଣା

ଛତ୍ରପୁର, ୫।୫(ଡି.ଏନ୍.ଏ.): ଗଞ୍ଜାମ ସହରରେ ଥିବା ମିଠା ଦୋକାନର ମାଲିକ ଗଣେଶ ପଟନାୟକଙ୍କୁ ଗଞ୍ଜାମ ଥାନା ପୋଲିସ ଗିରଫ କରି ଛତ୍ରପୁର ଏସଡ଼ିଜେଏମ କୋର୍ଟରେ ହାଜର କରିଥିଲା। ତେବେ ତାଙ୍କର ଜାମିନ ଆବେଦନକୁ ଏସଡିଜେଏମ ସୌମ୍ୟା ପ୍ରଧାନ ମଞ୍ଜୁର କରିଥିଲେ। ଗତ ୨୭ ତାରିଖରେ ଉକ୍ତ ମିଠା ଦୋକାନକୁ ପୋଲିସ ସିଲ କରିଥିଲା। ସେତେବେଳେ ଦୋକାନ ମାଲିକ ଗଣେଶ ପୋଲିସକୁ ପ୍ରତିରୋଧ କରିଥିବା ଦର୍ଶାଇ ଗଞ୍ଜାମ ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାରେ ଗଣେଶଙ୍କୁ ଗିରଫ କରି ଗଞ୍ଜାମ ଥାନା ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ତଦନ୍ତ ସରିବା ପର୍ଯ୍ୟନ୍ତ ସହଯୋଗ କରିବା ସର୍ତ୍ତ ରଖି ତାଙ୍କୁ କୋର୍ଟ ଜାମିନ ଦେଇଛନ୍ତି। ଏଥିସହ ଗଞ୍ଜାମ ଥାନା ଆଇଆଇସି ଓ ତଦନ୍ତକାରୀ ଅଫିସର ଶନିବାର କୋର୍ଟରେ ହାଜର ହୋଇ ପକ୍ଷ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ତାଙ୍କ ଓକିଲ କେ. ବିଜୟଲକ୍ଷ୍ମୀ ଦେବୀ ଓ ଦିଲୀପ କୁମାର ପଟନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗଞ୍ଜାମ ସହରସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ଦୋକାନକୁ ଭଡା ନେଇ ୨୮ ବର୍ଷ ହେଲା ଗଣେଶ ମିଠା ଦୋକାନ କରିଥିଲେ। ଗତ କିଛି ଦିନ ତଳେ କିଛି ମହିଳା ତାଙ୍କ ଦୋକାନରେ ପଶି ସାମଗ୍ରୀ ସବୁ ରୋଡ଼ ଉପରକୁ ଫିଙ୍ଗି ଦେଇଥିବା ଗଞ୍ଜାମ ଥାନାରେ ଅଭିଯୋଗ ହୋଇଥିଲା। ଘର ମାଲିକ ଉକ୍ତ ମହିଳାଙ୍କୁ ୫ ଶହ ଟଙ୍କା ଦେଇ ଦୋକାନ ସାମଗ୍ରୀ ଫିଙ୍ଗାଫିଙ୍ଗି କରିବାକୁ ପ୍ରବର୍ତ୍ତାଇ ଥିବା ସେତେବେଳେ ଗଣେଶ ଅଭିଯୋଗ କରିଥିଲେ। ଅନ୍ୟପଟେ ଦୋକାନ ସିଲ୍ ବେଳେ ପୋଲିସ ଦୋକାନ ମାଲିକଙ୍କୁ ଠେଲାପେଲା କରିବାରୁ ତାଙ୍କ ହାତରେ ଆଘାତ ଲାଗିଥିବା ତାଙ୍କ ଭାଇ ଓକିଲ ଦିଲୀପ ପଟ୍ଟନାୟକ ଅଭିଯୋଗ କରିଥିଲେ। ଉକ୍ତ ମାମଲା ଛତ୍ରପୁର ଉପଜିଲାପାଳଙ୍କ କୋର୍ଟରେ ବିଚାରଧୀନ ଥିବା ବେଳେ ଘର ମାଲିକଙ୍କ ଅଭିଯୋଗ କ୍ରମେ ପୋଲିସ ୧୪୪ ଧାରା ଲାଗୁ କରିବା ସହ ଦୋକାନ ସିଲ କରିଥିଲା। ଏହି ମାମଲାର ଶୁଣାଣି ଛତ୍ରପୁର ଉପଜିଲାପାଳଙ୍କ କୋର୍ଟରେ ୧୧ ତାରିଖରେ ହେବାକୁ ଧାର୍ଯ୍ୟ ହୋଇଛି ।

# ମା' ଝିଅଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଆସିକା, ୫।୫(ଡି.ଏନ୍.ଏ): କୋଦିନଡା ଥାନା ଅନ୍ତର୍ଗତ ପାଣ୍ଡିଆପଥର ଗ୍ରାମର କୁନି ନାହାକ ଏବଂ ତାଙ୍କ ଝିଅ ପୁଷ୍ପାଞ୍ଜଳି ନାହାକଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ପୁଅ ଭୋଳା ନାହାକଙ୍କୁ ଗିରଫ କରିଛି। ତାଙ୍କ ବିରୁଦ୍ଧରେ କୋଦିନଡା ଥାନାରେ ୧୧୪/୨୩ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ସୂଚନା ଦେଇଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ଜଣକ କୁନିଙ୍କୁ ମାଡ ମାରିବା ସହ ଗୋଟିଏ ସିମେଣ୍ଟ ଇଟାରେ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ । ମା'ଙ୍କୁ ଉଦ୍ଧାର କରିବାକୁ ଆସିଥିବା ଝିଅ ପୁଷ୍ପାଞ୍ଜଳିଙ୍କୁ ମଧ୍ୟ ଅଭିଯୁକ୍ତ ନିର୍ଘୃମ ମାଡ ମାରିବା ସହ ପୋଲିସରେ ଅଭିଯୋଗ କଲେ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଅଗ୍ନିକାଣ୍ଡରେ ୮ ବଖରା ଭସ୍ମୀଭୂତ



କ୍ଷୟକ୍ଷତି ବୁଲି ଦେଖୁଛନ୍ତି ସରପଞ୍ଚ ।

ଦିଗପହଣ୍ଡି,୫।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଁଠଖଣ୍ଡି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ୪ ପରିବାରର ୮ ବଖରା ଭସ୍ମୀଭୂତ ହୋଇଯାଇଛି। ରାତି ପ୍ରାୟ ୧୨ ଟାରେ ସ୍କୁଲ ସାହିରେ ବାସ କରୁଥିବା ଗଣେଶ ଗୌଡ, ଲକ୍ଷ୍ମଣ ଗୌଡ, ତ୍ରିନାଥ ଗୌଡ ଓ ଭରତ ଗୌଡଙ୍କ ଘରେ କୌଣସି କାରଣ ବଶତଃ ନିଆଁ ଲାଗିଥିଲା। ତେବେ ନିଆଁକୁ ଆୟତ୍ତ କରିବାକୁ ଗ୍ରାମବାସୀ ଚେଷ୍ଟା କରିବା ପରେ ଦିଗପହଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ୩ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଜଣାପଡିଛି। ଅନ୍ୟପକ୍ଷରେ ଶୁକ୍ରବାର ସକାଳେ ସରପଞ୍ଚ ଅଗ୍ନି ବିପନ୍ନ ପରିବାରକୁ ଭେଟି ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାସହ ସରକାରୀ ସହାୟତା ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ୫–ଟି ସଚିବଙ୍କ ଗସ୍ତ ପୂର୍ବରୁ ଜିଲାପାଳ, ପିଡିଙ୍କ ସମୀକ୍ଷା



ଜିଲାପାଳ, ପିଡି ଅଞ୍ଚଳବାସୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି।

ଶେରଗଡ଼, ୫।୫(ଡି.ଏନ.ଏ):

ଶେରଗଡ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିଛନ୍ତି ଜିଲାପାଳ ଦିବ୍ୟଜୋତି ପରିଡା ଓ ପିଡି ଭି. କିର୍ତ୍ତିହାସନ। ଆସନ୍ତା ୭ ତାରିଖ ରବିବାର ଦିନ ୫–ଟି ସଚିବ ଭି.କେ. ପାଣ୍ଡିୟାନ ଶେରଗଡ ବ୍ଲକ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବା ଯୋଗୁ ଜିଲାପାଳ ଓ ପିଡି ଏହାର ସମୀକ୍ଷା କରିଛନ୍ତି। ଶୁକ୍ରବାର ସକାଳେ ଜିଲାପାଳ ପରିଡା, ପିଡି କିର୍ତ୍ତିହାସନ, ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଭଞ୍ଜନଗର ଉପଜିଲାପାଳ ଜୋତିଶଙ୍କର ରାୟ ପ୍ରମୁଖ ବ୍ଲକର ପିତଲ କଲେଜ, ବିଶ୍ୱସ୍ତରୀୟ ଶିଳ୍ପ ତାଲିମ ଅନୁଷ୍ଠାନ, ଆଦର୍ଶ ବିଦ୍ୟାଳୟ, ପଞ୍ଚୁଆଣିସ୍ଥିତ ତାରାତାରିଣୀ, ନିର୍ମାଣଧୀନ ବସଷ୍ଟାଣ୍ଡ ବୁଲି ଦେଖିଥିଲେ। ପରେ ଶେରଗଡ ଜଗନ୍ନାଥ ମନ୍ଦିର, ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗସ୍ତ କରିଥିଲେ। କଲେଜ ଅଧ୍ୟକ୍ଷ ଉପେନ୍ଦ୍ର ବାଡ଼ତ୍ୟା ସ୍ୱାଗତ କରିବା ସହିତ ଏକ ସ୍ୱେତପତ୍ର ପ୍ରଦାନ କରିଥିଲେ। ପରେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମାବେଶ ପାଇଁ ଜାଗା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେପ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ପ୍ରସାଦ ପଣ୍ଡା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ପ୍ରମୋଦ କୁମାର ପାତ୍ର, ଶେରଗଡ କଲେଜରେ ନେତା ହୃଷିକେଶ ପାଢ଼ୀ, ପଞ୍ଚୁଆଣିରେ ବାସୁଦେବ ସ୍ୱାଇଁ, ଜଗନ୍ନାଥ ମନ୍ଦିରରେ ରାଜା ପୂର୍ଣ୍ଣଚନ୍ଦ୍ର ସିଂଦେଓ, ବଳରାମ ରାଉତ, ବାସୁଦେବ ରାଉତ, ଉଦୟନାଥ ପ୍ରଧାନ, କରଡାକଣାରେ ଶେରଗଡ ସମିତି ସଭ୍ୟା ସବିତାରାଣୀ ଚୌଧୁରୀ, କାଳୁଚରଣ ସାହୁ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଜେଡିର ବୈଠକ

ସେହିପରି ୫ଟି ସଚିବ ପାଣ୍ଡିଆନ କରଡାକଣା ଓ ଅଲାରିଗଡରେ ମହିଳା ସମାବେଶରେ ଯୋଗଦେବା ସହିତ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇବେ। ଏଥିସହିତ ବିଭିନ୍ନ ମନ୍ଦିର ଅନୁଷ୍ଠାନ ପର୍ଯ୍ୟଟନ ସ୍ଥଳ ବୁଲିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ସଫଳ କରିବା ନେଇ ଶୁକ୍ରବାର ବିଜେଡି ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କିପରି ପ୍ରତି ପଞ୍ଚାୟତରୁ ମହିଳାମାନେ ସୁରୁଖୁରୁରେ ଆସିପାରିବେ ସେ ନେଇ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସମିତିସଭ୍ୟା ସବିତାରାଣୀ ଚୌଧୁରୀ, କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ, ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ବୁଦ୍ଧଖୋଲ ପ୍ରକୃତି ଉଦ୍ୟାନ ଲୋକାର୍ପିତ



ବୁଦ୍ଧଖୋଲ ପ୍ରକୃତି ଉଦ୍ୟାନ ।

ବୁଗୁଡ଼ା,୫।୫(ଡି.ଏନ.ଏ.)

ଐତିହାସିକ ଶୈବ ପୀଠ ତଥା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ପାଦଦେଶସ୍ଥ ପ୍ରକୃତି ଉଦ୍ୟାନ (ଇକୋ ପାର୍କ) ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଡିଏଫଓ ସୁଦର୍ଶନ ବେହେରା, ପ୍ରାକ୍ତନ ଡିଏଫଓ ଦିଲ୍ଲୀପ କୁମାର ରାଉତ, ଏସିଏଫ୍ ପ୍ରଭାକର ନାୟକ, ବୁଗୁଡ଼ା ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ବୁଗୁଡ଼ା ରେଞ୍ଜର ପ୍ରଦୀପ କୁମାର ମିଶ୍ର ଓ ଜଗନ୍ନାଥ ପ୍ରସାଦ ରେଞ୍ଜର ଉମାକାନ୍ତ ଦାଶଙ୍କ ସମେତ ବୁଦ୍ଧଖୋଲ ଉନ୍ନୟନ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ଏବଂ ସଦସ୍ୟଗଣ ଉପସ୍ଥିତ ରହିଥିଲେ। ଜାନୁଆରୀ, ୧୧ ୨୦୨୦ରେ ଉକ୍ତ ଇକୋ ପାର୍କ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇ ଦୀର୍ଘ ୩ ବର୍ଷ ଅତିବାହିତ ହୋଇଯାଇଥିବାରୁ ଏହାକୁ ଲୋକାର୍ପିତ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା ।

# ବାଲିଗୁଡ଼ାରେ ଠାକୁରାଣୀ ଯାତ୍ରା



ମା'ଙ୍କ ଘଟ ପରିକ୍ରମା କରାଯାଉଛି।

ବାଲିଗୁଡା,୫।୫(ଡି.ଏନ.ଏ.)

ବାଲିଗୁଡା ଠାକୁରାଣୀ ଯାତ୍ରା ୧୩ଦିନରେ ପହଞ୍ଚିଛି। ମା' ପାଟଖଣ୍ଡାଙ୍କ ସମେତ ଆଉ ୪ ଭଉଣୀଙ୍କ ଘଟ ବାଲିଗୁଡାର ସାହିକୁ ସାହି ପରିଦର୍ଶନ କରୁଛନ୍ତି। ମା ଶୁକ୍ରବାର ଗୁଳିମରାପଦା ଭ୍ରମଣରେ ଯାଇଥିଲେ। ଏଥିନିମନ୍ତେ ସକାଳୁ ଏହି କଲୋନୀବାସୀ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ସାହିରେ ରାସ୍ତା ଓ ଘର ଘରେ ସଫାରଖି ଝୋଟି ଆଙ୍କିଛନ୍ତି। ଘରେ ଘରେ କୁମ୍ଭଡାଳ ଦୀପ ପ୍ରଜ୍ୱଳନ କରି ମା'ଙ୍କୁ ସ୍ୱାଗତ କରି ପଟୁଆରରେ ମା'ଙ୍କୁ ପାଛୋଟି ନେଇଥିଲେ। ବାଲିଗୁଡା କୋର୍ଟ ସମ୍ମୁଖରେ ମା'ଙ୍କୁ ପାଦଧୋଇ ପୂଜାର୍ଚ୍ଚନା କରିବା ସହ ପଣା ଓ ପ୍ରସାଦ ବଣ୍ଟନ କରିଥିଲେ । ଶୁକ୍ରବାର ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ନିମନ୍ତେ ବଣିକ ସଂଘ ସଭାପତି ଶ୍ୟାମ ସୁନ୍ଦର ପାତ୍ର, ସମ୍ପାଦକ ଏ.ଶ୍ରୀନିବାସ ଦୋରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ଆୟୋଜକ ସମିତିର ସଭାପତି ଲୋକନାଥ ପାଢୀ, ସମ୍ପାଦକ ଭଗବତୀ ପ୍ରସାଦ ସାବତ, ଯୁଗ୍ମ ସମ୍ପାଦକ ସୁଜିତ କୁମାର ପାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଡ.ଶୁଶାନ୍ତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ ।

# ପରିତ୍ୟକ୍ତ ଅବସ୍ଥାରେ ସୀତାସାଗର

## ତଟ ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

ପାରଳାଖେମୁଣ୍ଡି, ୫।୫(ଡି.ଏନ୍.ଏ):

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସହରର ସୀତାସାଗର ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ଏହାର ପାର୍ଶ୍ୱତଟ ବର୍ତ୍ତମାନ ମଦ୍ୟପମାନଙ୍କ ଏକ ପ୍ରମୁଖ ଆଡ୍ଡାସ୍ଥଳୀ ହୋଇଥିବା ଦେଖିବାକୁ ମିଳୁଛି। ଯେଉଁ ସୀତାସାଗର ଦିନେ ପାରଳାଖେମୁଣ୍ଡି ସହରର ଐତିହ୍ୟ ତଥା ସହର ଉପକଣ୍ଠସ୍ଥ ଜମିଗୁଡିକୁ ଜଳସେଚନ ପାଇଁ ବ୍ୟବହାର ହେଉଥିଲା ବର୍ତ୍ତମାନ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ଏହା ସହର ଉପକଣ୍ଠସ୍ଥ ନିକାଞ୍ଚନ ଅଞ୍ଚଳ ହୋଇଥିବାରୁ ସନ୍ଧ୍ୟା ପରେ ଏହି ତଟରେ ଥିବା ପାହାଚ ଉପରେ ଅସାମାଜିକ ବ୍ୟକ୍ତିମାନେ ବସି ମଦ୍ୟପାନ କରୁଛନ୍ତି ଏବଂ ସମସ୍ତ ପ୍ରକାର ଅଳିଆ ଆବର୍ଜନା ତଟରେ ଏବଂ ସୀତା ସାଗରରେ ପକାଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏହି ପୋଖରୀର ପୁନଃରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ମହାରାଜାଙ୍କ ଅମଳରେ ଏହି ପୁରାତନ ବଡ ପୋଖରୀ ପାରଳାଖେମୁଣ୍ଡି ସହରର ବହୁ ଐତିହ୍ୟ ବହନ କରୁଥିଲା। ୨୦୦୭ରେ ଏହି ପୋଖରୀ ସଫେଇ କାର୍ଯ୍ୟ ହେବା ପରେ ୨୦୧୨ ପର୍ଯ୍ୟନ୍ତ ଏହା କିଛିଟା କାର୍ଯ୍ୟକ୍ଷମ ହେଉଥିଲା। ପାରଳାଖେମୁଣ୍ଡିସ୍ଥିତ ମତ୍ସଜୀବୀ ସମବାୟ ସମିତି ପ୍ରତି ବର୍ଷ ନିୟମ ଅନୁଯାୟୀ ଏହି ପୋଖରୀ ଲିଜ୍ ନେଉଛି। ମାତ୍ର ଏହି ପୋଖରୀରୁ କୌଣସି ମାଛ ଉତ୍ପାଦନ ହେଇପାରୁ ନାହିଁ କିମ୍ବା ଏହି ପୋଖରୀ ସ୍ଥାନୀୟ ଅଞ୍ଚଳରେ କୌଣସି କାର୍ଯ୍ୟରେ ଆସିପାରୁ ନାହିଁ । ଏଥିପାଇଁ ବାରମ୍ବାର ମତ୍ସଜୀବୀମାନେ ପ୍ରଶାସନ ନିକଟରେ ଅଭିଯୋଗ ଜଣାଇଛନ୍ତି। ମତ୍ସଜୀବୀମାନେ ଏ ସମ୍ପର୍କରେ ରାଜ୍ୟସ୍ତରରେ ମଧ୍ୟ ଅଭିଯୋଗ ପୂର୍ବରୁ ଆଣୁଥିବାର ସୂଚନା ରହିଛି। ମାତ୍ର ଏହାର କୌଣସି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ଏହି ସୀତାସାଗର ପୁନଃଉଦ୍ଧାର ନହେବା ଯୋଗୁଁ ଆବର୍ଜନା ଏବଂ ମାଟି ଦ୍ୱାରା ଏହା ଚାରିକଡରୁ ପୋତି ହୋଇ ଏହା ଧିରେ ଧିରେ ସଙ୍କୁଚିତ ହେବାରେ ଲାଗିଛି। ତେଣୁ ପ୍ରଶାସନ ଏହାର ପୁନରୁଦ୍ଧାର ନିମନ୍ତେ ତୁରନ୍ତ ଦୃଷ୍ଟି ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ସୀତା ସାଗର ପୋଖରୀ ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ବିଜେଡି ମିଶ୍ରଣ ପର୍ବ। ସ୍ଥାନ–ଭାବାନଗର। ସମୟ–ପୂର୍ବାହ୍ନ ୧୧ଟା।

**ବୁଗୁଡ଼ା**
- ଠାକୁରାଣୀ ଯାତ୍ରା ଉପଲକ୍ଷେ ନୃତ୍ୟ ବିଚିତ୍ରା। ସ୍ଥାନ: ବୁଗୁଡା ବଡଦାଣ୍ଡ । ସମୟ: ସନ୍ଧ୍ୟା ୬ ଘଣ୍ଟ ସମୟ।

**ଭଞ୍ଜନଗର**
- ମା'ଙ୍କ ନଗର ଭ୍ରମଣ, ସମୟ–ସନ୍ଧ୍ୟା ୭.୩୦। ସ୍ଥାନ– ଭଞ୍ଜନଗର ଠାକୁରାଣୀ ଯାତ୍ରା ।

## ସଂକ୍ଷେପରେ

### ଦୁଇ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ୨ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୫ା୫:** ଗୋଟିଏ ଦିନରେ ଦୁଇ ସମ୍ପର୍କୀୟ ଭଉଣୀଙ୍କୁ ଅପହରଣ ହୋଇଥିବା ବେଳେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ସେମାନଙ୍କୁ ଚମାଖଣ୍ଡି ଥାନା ଅନ୍ତର୍ଗତ ଚମାଖଣ୍ଡି ବସ୍ଷ୍ଟପ୍‌ରୁ ଗୁରୁବାର ଉଦ୍ଧାର କରିଛି। ସେହିପରି ସେଠାରୁ ପୋଲିସ ଦୁଇଜଣ ଯୁବକଙ୍କୁ କାବୁ କରିଛି। ସେମାନେ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଶିତଳାପଲ୍ଲୀ ଗ୍ରାମର ମଣ୍ଟୁ ସେଠୀ(୨୧) ଓ ନିମଖଣ୍ଡି ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମର ତୋଫାନ ସେଠୀ (୨୩)। ମାମଲା ନଂ.୧୩୬/୨୩ରେ ଉଭୟ ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୁଇ ପୀଡ଼ିତା ନାବାଳିକାଙ୍କର ପୃଥକ୍ ଭାବେ ଥାନା ଓ ପରେ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ସେମାନଙ୍କୁ ଏକ କାରରେ ଅପହରଣ କରାଯାଇ ଚମାଖଣ୍ଡି ଜଙ୍ଗଲ ଭିତରେ ଥିବା ଏକ କୁକୁଡ଼ାଫାର୍ମରେ ବଳାତ୍କାର କରାଯାଇଥିଲା ବୋଲି ପୀଡ଼ିତା ପୋଲିସକୁ ଦେଇଥିବା ବୟାନରେ ଦର୍ଶାଯାଇଛି। ଶୁକ୍ରବାର ଦୁଇ ପୀଡ଼ିତା ଓ ୨ ଅଭିଯୁକ୍ତଙ୍କର ମେଡିକାଲରେ ଡାକ୍ତରୀ ମାଇନା କରାଯାଇଛି।

### ଚୁକ୍ତି ଖିଲାପ କରି ୪୩ ଲକ୍ଷ ଆତ୍ମସାତ୍, ଥାନାରେ ମାମଲା

**ବ୍ରହ୍ମପୁର ଅଫିସ,୫ା୫:** ଚୁକ୍ତିନାମା ଖିଲାପ ସହ ପାୱାର ଅଫ ଅଟର୍ଣ୍ଣିର ଦୁରୁପଯୋଗ କରି ପଥର ବ୍ୟବସାୟରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ସମ୍ପର୍କରେ ରବି ନାରାୟଣ ରାଉତରାୟ ନାମକ ଜଣେ ବ୍ୟକ୍ତି ବ୍ରହ୍ମପୁର ସଦର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ ରବି ନାରାୟଣଙ୍କୁ କୁକୁଡ଼ାଖଣ୍ଡି ମୌଜାର ମହୁଘର ହିଲରେ ପଥର ବ୍ୟବସାୟ ପାଇଁ ୩ ହେକ୍ଟର ଅଞ୍ଚଳ ୪ବର୍ଷ ପାଇଁ ଲିଜ ମିଳିଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ବ୍ୟବସାୟ ବୁଝିବା ପାଇଁ ସେ ମା' ମହୁରୀ କାଳିଆ ଏଣ୍ଟର ପ୍ରାଇଜର୍ସ ନାମକ ସଂସ୍ଥା ପ୍ରୋପାଇଟର ଏବଂ ତାଙ୍କ ଭଣଜାଙ୍କ ନାମରେ ପାୱାର ଅଫ ଆଟର୍ଣ୍ଣି କରିଥିଲେ। ହେଲେ ଦୁହେଁ ତାଙ୍କୁ ଧୋକା ଦେଇ କଟକ ସ୍ଥିତ ତାଙ୍କ ବ୍ୟାଙ୍କ୍ ଜମାଖାତାରୁ ୨୦୧୯ରେ ବ୍ୟବସାୟରୁ ମିଳିଥିବା ୪୩ଲକ୍ଷ ଟଙ୍କା ଉଠାଇ ନେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଜିଏସ୍‌ଟି ଟଙ୍କା ନା ବାନ୍ଧିବାରୁ ସରକାରଙ୍କ ପକ୍ଷରୁ ପ୍ରଥମେ ତାଙ୍କୁ ନୋଟିସ ଆସିବା ସହ କେସ ହେବା ପରେ ସେ ଏ ସମ୍ପର୍କରେ ଜାଣିଥିଲେ। ବଳରାମ ସାହୁ ଓ ତାଙ୍କ ଭଣଜାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଟଙ୍କା ଫେରାଇବା ପରିବର୍ତ୍ତେ ହତ୍ୟା ଧମକ ଦେଉଥିବା ନେଇ ସେ ଥାନାରେ ଏତଲା ଦେଇଛନ୍ତି।

# ନାଟକ କଳାମଲୀ ମଞ୍ଚସ୍ଥ

<u>ବ୍ରହ୍ମପୁର ଅଫିସ,୫ା୫</u>


ମଞ୍ଚସ୍ଥ ନାଟକ କଳାମଲୀ।

ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଅନୁଷ୍ଠିତ ୧୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ୨ୟ ଶିଶୁ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶୁକ୍ରବାରରେ ନାଟକ କଳାମଲୀ ମଞ୍ଚସ୍ଥ ହୋଇଛି। ବାଲେଶ୍ୱର କଳାକାର ନାଟ୍ୟ ସଂସ୍ଥା ପକ୍ଷରୁ ପରିବେଷିତ ଏହି ନାଟକରେ ସୁଶାନ୍ତ କୁମାର ଦାଶ ରଚନା ଓ ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଡା. କୁମାର ଗୋପାଲ ନିର୍ଦ୍ଦେଶନା ଦେଇଛନ୍ତି। ଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱର ଲୀଳାମୟ ଠାକୁର। ତାଙ୍କ ଲୀଳା ସମଗ୍ର ଜଗତକୁ ଲୀଳାକ୍ଷେତ୍ର କରିଛି। ବଳରାମ ଦାସଙ୍କ ଲୀଳା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ଐଶ୍ୱରୀୟ ସମ୍ପର୍କକୁ ବୁଝାଏ। କିନ୍ତୁ ସାମ୍ପ୍ରତିକ ଯୁଗରେ କେତେକ ଗୋଷ୍ଠୀଙ୍କ ଦ୍ୱାରା ହେଉଥିବା ଷଡଯନ୍ତ୍ରକୁ ପ୍ରଭୁ ଜଗନ୍ନାଥ ବିଫଳ କରି ବଳରାମ ଦାସଙ୍କୁ ଭକ୍ତ ବଳରାମ ରୂପରେ ବିଦିତ କରାଇ ନିଜକୁ ଭକ୍ତ ବତ୍ସଳ ଭାବେ ପରିଚିତ କରିଛନ୍ତି। ତାହା ଏହି ନାଟକରେ ପରିବେଷିତ ହୋଇଛି।

ନାଟକରେ ଶ୍ରୀତମ କୁମାର ସିଂହ, କମଲ, ଅମର, ଅନିକେତ, ପ୍ରଦ୍ୟୁମ୍ନ, ନବୀନ, ପବିତ୍ର ଓ କହ୍ନେଇ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଆଜିର ଦ୍ୱିତୀୟ ସନ୍ଧ୍ୟାରେ ନାଟକ ସମାରୋହ

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ସମିତି ସାଧାରଣ ସମ୍ପାଦକ ସାପା ସୀମାଦ୍ରି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବରିଷ୍ଠ ନାଟ୍ୟକାର ମେଜର ରମା ରମଣ ପାଢୀ ଓ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀ ଯୋଗ ଦେଇଥିଲେ। ନାଟକ ଶେଷରେ ରାଜ ଗୋପାଳ ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ନାଟକ ସମାରୋହ ସମିତି ସଭାପତି ଅନୀଲ ପାତ୍ର, ମହୋତ୍ସବ କମିଟି ଅଧ୍ୟକ୍ଷ ଡ. ମିହିର ତ୍ରିପାଠୀ, ସମ୍ପାଦକ ଶଙ୍କର୍ଷଣ ସାବତ, ଆରତୀ ପାତ୍ର, ରବୀନ୍ଦ୍ର କୁମାର ନାୟକ, ସତ୍ୟବ୍ରତ ଦାସ ଓ ନଳିନୀ ଗୌଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସାରସ୍ୱତ ସାଂସ୍କୃତିକ ପରିଷଦର ରାଜ୍ୟସ୍ତରୀୟ ସାହିତ୍ୟ ଆସର



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ବୃନ୍ଦ।

<u>ବ୍ରହ୍ମପୁର ଅଫିସ,୫ା୫</u>

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ବ୍ରହ୍ମପୁର ମହାନଗର ମହୋତ୍ସବ ମଞ୍ଚରେ ଗୁରୁବାର ସାରସ୍ୱତ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପରିଷଦ ସଭାପତି ସୁଖେନ୍ଦୁ ଦାଶଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଆ ବିଭାଗ ପ୍ରାକ୍ତନ ପ୍ରାଧ୍ୟାପକ କୈଳାସ ନାଥ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଶିଶୁ ସାହିତ୍ୟିକ ହାଡିବନ୍ଧୁ ମାଳି, ସାମାଜିକକର୍ମୀ ଇ. ମାହେଶ୍ୱରୀ ଦୋରା ଓ ପ୍ରବଚକ ଶରତ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ପରିଷଦ ସମ୍ପାଦକ ରବୀନ୍ଦ୍ର କୁମାର ମଲ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। କବି ଦୀନବନ୍ଧୁ ଶ୍ରୀପଲବ, କବୟିତ୍ରୀ ବନ୍ଦନା ମିଶ୍ର ଓ କବି ପଞ୍ଚାନନ ନାହାକଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଗଞ୍ଜାମ, ପୁରୀ, ଜଗତସିଂହପୁର, ନୟାଗଡ ଓ ଖୋର୍ଦ୍ଧା ଜିଲାର ୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରିଜା ପ୍ରସାଦ ଦାଶ, ପ୍ରମୋଦ କୁମାର ପଣ୍ଡା, ପଦ୍ମିନୀ ମିଶ୍ର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଇଂ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, କାଳୀ ଚରଣ, ଶରତ ଚନ୍ଦ୍ର ପଣ୍ଡା, ସତ୍ୟମ ଆଚାରୀ ପ୍ରମୁଖ କବିତା ଆବୃତ୍ତି କରିଥିଲେ। ଶେଷରେ ରବୀନ୍ଦ୍ର କୁମାର ମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଏମ୍‌କେସିଜିରୁ ରୋଗୀ ନିଖୋଜ

<u>ବ୍ରହ୍ମପୁର ଅଫିସ,୫ା୫</u>

ଏମ୍‌କେସିଜି ମେଡିକାଲରୁ ଶୁକ୍ରବାର ଜଣେ ରୋଗୀ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ନାମ ସୁଶାନ୍ତ ପଲେଇ(୩୦) ବୋଲି ପୋଲିସ କହିଛି। ଆସିକା ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମର ସୁଶାନ୍ତ ଗତ ୧ ତାରିଖରେ ଏକ ଗଛରୁ ପଡ଼ି ଯାଇଥିଲେ। ସେ ଗୁରୁତର ହୋଇଥିବା ବେଳେ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ସେ ସର୍ଜରି ବିଭାଗର ୟୁନିଟ–୧ ରେ ଚିକିତ୍ସାଧୀନ ଥିଲେ। ସେ କୁଆଡ଼େ ନିଖୋଜ ହୋଇ ଯାଇଛନ୍ତି। ବହୁ ଖୋଜାଖୋଜି ପରେ ମଧ ତାଙ୍କର ପତ୍ତା ନ ମିଳିବାରୁ ତାଙ୍କର ମା' ପଦ୍ମାବତୀ ପଲାଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଅନୁସାରେ ତଦନ୍ତ ଆରମ୍ଭ କରିଛି।

### କୂଅରୁ ବାରହା ଉଦ୍ଧାର

<u>ଦିଗପହଣ୍ଡି/ଚିକିଟି,୫ା୫(ଡି.ଏନ୍.ଏ.)</u>

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତ ଡ଼ାବରାସିଙ୍ଗି ଗ୍ରାମର ଶେଷ ମୁଣ୍ଡରେ ଥିବା ଖୋଲା ପଡିଆର ଏକ ପରିତ୍ୟକ୍ତ କୂଅରୁ ଗୋଟିଏ ମାଇ ବାରହା ଓ ତାର ଛୁଆକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ଗ୍ରାମବାସୀ କୂଅ ଭିତରୁ ବାରହା ଗର୍ଜନ ଶୁଣି ବନ ବିଭାଗକୁ ଖବର ଦେଇଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଓ ନୂଆପଡ଼ା ବିଟ୍‌ର ବନ କର୍ମଚାରୀ ମିଳିତ ଭାବେ ବାରହାକୁ କୂଅରୁ ଉଦ୍ଧାର କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଦିପ୍ତୀମୟୀ


@ ଶୁଭଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୃତକଙ୍କ ନାମରେ ଜାଲ ଦଲିଲ ପ୍ରସ୍ତୁତ କରି ଜାଗା ବିକ୍ରି ଅଭିଯୋଗ

<u>ବ୍ରହ୍ମପୁର ଅଫିସ,୫ା୫</u>

ଜଣେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ଜାଗାକୁ ମିଥ୍ୟା ଦଲିଲ କରି ଅନ୍ୟ ଜଣେ ନକଲି ଲୋକକୁ ଛିଡ଼ା କରାଇ ବିକ୍ରି କରାଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବିଜିପୁର ତୋଟା ସାହି ବାସିନ୍ଦା ଭାରତୀ ପାଢ଼ୀ (୮୦ବର୍ଷ) ଏଭଳି ଅଭିଯୋଗ କରିଛନ୍ତି। ତାଙ୍କ ଏତଲା ଅନୁଯାୟୀ, ଭାରତୀଙ୍କ ସ୍ୱାମୀ ନରସିଂହ ପାଢ଼ୀ ୧୯୯୯ରେ ଖୋଡ଼ାସିଙ୍ଗିରେ ୦.୫୩୦ ଡିସିମିଲର ଜାଗା କିଣି ନିଜ ନାମରେ ପଟ୍ଟା କରାଇଥିଲେ। ୨୦୧୯ ଜୁନରେ ନରସିଂହଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ୨୦୨୨ ମେ ୧୩ରେ ତାଙ୍କ ସ୍ଥାନରେ ଜଣେ ନକଲି ବ୍ୟକ୍ତିକୁ ଛିଡ଼ା କରାଇ ନକଲି ଦଲିଲ ପ୍ରସ୍ତୁତ କରାଯାଇ ସେହି ଜାଗାକୁ ଅନ୍ୟ ଜଣଙ୍କୁ ବିକ୍ରି କରି ଦିଆଯାଇଛି। ଏପରିକି ବ୍ରହ୍ମପୁର ତହସିଲରେ ସେହି ବ୍ୟକ୍ତିଙ୍କ ନାମରେ ପଟ୍ଟା ମଧ ହୋଇସାରିଛି। ମୃତ ସ୍ୱାମୀ କିଣିଥିବା ଜାଗାଟି ଫେରି ପାଇବା ପାଇଁ ବୃଦ୍ଧା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳିତ


ବୁଦ୍ଧ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି ବୃନ୍ଦ।

<u>ବ୍ରହ୍ମପୁର ଅଫିସ,୫ା୫</u>

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର ଷ୍ଟାଡିୟମ ନିକଟରେ ଥିବା ବୁଦ୍ଧ ମୂର୍ତ୍ତିଠାରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ମଞ୍ଚ ଉପ ସଭାପତି ପ୍ରମୋଦ କୁମାର ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯିବା ସହ ବୁଦ୍ଧଂ ଶରଣଂ ଗଚ୍ଛାମି ମନ୍ତ୍ରରେ ବୁଦ୍ଧଙ୍କୁ ସ୍ନାନ କରାଯାଇଥିଲା। ଆଜିର ଦିନରେ ବୁଦ୍ଧ ଦେବ ନେପାଳ ଅନ୍ତର୍ଗତ ଲୁମ୍ବିନିରେ ଜନ୍ମ ଗ୍ରହଣ କରିଥିଲେ। ବୁଦ୍ଧ ଦେବ ବୋଧଗୟାର ବୋଧି ବୃକ୍ଷ ତଳେ ବୁଦ୍ଧତ୍ୱ ପ୍ରାପ୍ତି ହୋଇ ସମାଜରେ ସଂସ୍କାର ଆଣିବାରେ ବୌଦ୍ଧ ଧର୍ମର ଭୂମିକା ଅନିବାର୍ଯ୍ୟ ବୋଲି ମଞ୍ଚ ପକ୍ଷରୁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ଖଟେଇ, ମୋହନ ଚରଣ ସ୍ୱାଇଁ, ଲିଙ୍ଗରାଜ ମହାପାତ୍ର, ସନ୍ତୋଷ କୁମାର ମହାନ୍ତି, ପ୍ରଭାତ କୁମାର ମିଶ୍ର, ସମୀର କୁମାର ଆଚାର୍ଯ୍ୟ, ରବି ନାରାୟଣ ସାବତ, ପଙ୍କଜ କୁମାର ନାୟକ ଓ ରାମେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ବୋମା ଫୁଟି ଆକ୍ରମଣକାରୀ ଗୁରୁତର ଘଟଣା

## ସୁସ୍ଥ ପରେ କୋର୍ଟ ଚାଲାଣ

<u>ବ୍ରହ୍ମପୁର ଅଫିସ, ୫ା୫</u>

ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମାର୍ଚ୍ଚ ୨୧ ତାରିଖ ସନ୍ଧ୍ୟାରେ ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀରେ ବୋମାମାଡ଼ କରିବାକୁ ଯାଇଥିବା ଆକ୍ରମଣକାରୀ ହାତରେ ବୋମା ଫୁଟିଥିଲା। ଗୁରୁତର ଥିବା କାଳିଆ ପାତ୍ରଙ୍କୁ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ତାଙ୍କୁ ଶୁକ୍ରବାର ପୋଲିସ ଗିରଫ କରି ତାଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ବାଇକ୍ ଜବତ କରିଥିବା କହିଛି। ମାମଲା ନମ୍ବର ୯୪/୨୩ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଗୁରୁତର ଆହତ ହୋଇଥିବା ତାଙ୍କର ସହଯୋଗୀ ଏମ୍.ମହେଶ


ଗିରଫ କାଳିଆ ।

ଦୋରା ବଡ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ପ୍ରକାଶ ଯେ, ଭାବିନିପୁର ଗ୍ରାମର କାଳିଆ ପାତ୍ର ଓ ଯୋଗିଆପଲ୍ଲୀର କାର୍ତ୍ତିକ ପାତ୍ରଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ମାର୍ଚ୍ଚ ୨୧ ଚୈତ୍ର ମଙ୍ଗଳବାର ଦ୍ୱିତୀୟ ପାଳିରେ କାଳିଆଙ୍କ ମାମୁଘର ଲୋକେ ତାରାତାରିଣୀ ମନ୍ଦିରରେ ଭୋଜି କରିଥିଲେ। କାଳିଆ ଭୋଜି ଖାଇବା ପାଇଁ ଏକ ବାଇକ୍‌ରେ ସହଯୋଗୀ ମହେଶଙ୍କ ସହ ସେଠାକୁ ଯାଇଥିଲେ। ଭୋଜି ଖାଇସାରି କାଳିଆ ମାମୁଘର ଯୋଗିଆପଲ୍ଲୀକୁ ଫେରିଥିଲେ। ସନ୍ଧ୍ୟାରେ କାର୍ତ୍ତିକ ଗାଁମୁଣ୍ଡରେ ଠିଆ ହୋଇଥିବା ଦେଖି ତାଙ୍କୁ ହତ୍ୟା କରିବା ପାଇଁ କାଳିଆ ଯୋଜନା କରିଥିଲେ। ହାତରେ ବୋମା ଧରି କାଳିଆ ଓ ତାଙ୍କ ସହଯୋଗୀ କାର୍ତ୍ତିକ ଠିଆ ହୋଇଥିବା ସ୍ଥାନରେ ପହଞ୍ଚିଥିଲେ। କାଳିଆ ବୋମାଟି କାର୍ତ୍ତିକଙ୍କ ଉପରକୁ ଫିଙ୍ଗିବା ବେଳେ ବୋମାଟି କାଳିଆଙ୍କ ହାତରେ ଫୁଟି ଯାଇଥିଲା।

## ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

<u>ବ୍ରହ୍ମପୁର ଅଫିସ,୫ା୫</u>

ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ ସହ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ପୋଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି। ସେ ହେଉଛନ୍ତି କଂସାରି ସାହିର ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ ବାଙ୍ଗରା ମୁନା (୨୮)। ଉକ୍ତ ଅଭିଯୁକ୍ତଙ୍କ ନାମରେ ବଡବଜାର ଥାନାରେ ୫ଟି ସଙ୍ଗିନ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଘଟଣା ବେଳେ ବ୍ୟବହୃତ ଖଣ୍ଡା ଜବତ କରିଛି। ମାମଲା ନମ୍ବର ୧୪୪/୨୩ରେ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ବଡବଜାର ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ଘରେ ପୂର୍ଣ୍ଣଚନ୍ଦ୍ର ଖଣ୍ଡା ଧରି ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେଠାରେ ମହିଳାଙ୍କୁ ସେ


ଗିରଫ ଯୁବକ ପୂର୍ଣ୍ଣଚନ୍ଦ୍ର ବେହେରା ।

ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସେହିପରି ଉକ୍ତ ଘରେ ଥିବା ତାଙ୍କ ମା'ଙ୍କୁ ମଧ ସେ ଖଣ୍ଡା ଦେଖାଇ ଭୟଭୀତ କରିଥିଲେ। ଏପରି କି ବୋମା ପକାଇ ଘରର ସମସ୍ତ ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ମହିଳା ଜଣଙ୍କ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଶୁକ୍ରବାର ସକାଳେ ଗିରଫ କରିଥିବା କହିଛି।

## ମହିଳାଙ୍କ ମୃତ୍ୟୁ ସନ୍ଦେହଜନକ

<u>ସୋରଡା, ୫ା୫ (ଡି.ଏନ୍.ଏ.)</u>

ସ୍ଥାନୀୟ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ପରିଚାଳକ ଦିଲୀପ କୁମାର ସେଠୀଙ୍କ ସ୍ତ୍ରୀ ରୂପଶୀ ସେଠୀ ଶୁକ୍ରବାର ସନ୍ଧ୍ୟାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଜଗନ୍ନାଥ ପ୍ରସାଦରୁ ଏଠାକୁ ଆସି ଦିଲୀପ ବହୁବର୍ଷ ହେଲା ପରିବାର ସହ ରହୁଥିଲେ । କିନ୍ତୁ ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ଅଚେତ ଅବସ୍ଥାରେ ଦିଲୀପ ସରକାରୀ ମେଡିକାଲକୁ ଆଣିଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଦିଲୀପଙ୍କ କହିବାନୁଯାୟୀ, ସନ୍ଧ୍ୟାରେ ସେ ବାହାରକୁ ଜଳଖିଆ ପାଇଁ ଯାଇଥିଲେ। ଘରକୁ ଫେରିବା ପରେ ସେ ରଶିରେ ଝୁଲୁଥିବାକୁ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ସଂଗେ ସଂଗେ ମେଡିକାଲକୁ ନିଆଯାଇଥିଲା। ତେବେ ସେ କାହିଁକି ଏପରି ନିଷ୍ପତି ନେଲେ କହିପାରିବି ନାହିଁ। ଅପରପକ୍ଷରେ ପୋଲିସ ଏସ୍‌ଆଇ ସୁଧୀର ରଞ୍ଜନ ଦିଗାଲ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

<u>ବ୍ରହ୍ମପୁର ଅଫିସ,୫ା୫</u>

ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ଓ ଆଲଫା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବ୍ରହ୍ମପୁର ଷ୍ଟାଡ଼ିୟମଠାରେ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା ଓ ମେୟର ସଂଘମିତ୍ରା ଦଳାଇ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଏହି ଶିବିରରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ୩୫୦ ଜଣ ପଞ୍ଜୀକୃତ ହୋଇଛନ୍ତି। ଶୁକ୍ରାବାରଠାରୁ ଆରମ୍ଭ ହୋଇଥିବା ଏହି ଶିବିରରେ ବ୍ରହ୍ମପୁର ଷ୍ଟାଡ଼ିୟମରେ ବକ୍ସିଂ, ଇଞ୍ଜିନିୟରିଂ ସ୍କୁଲ ପଡ଼ିଆଠାରେ


ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଗ୍ରୀଷ୍ମ କାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି, ମେୟର ଓ ଅନ୍ୟମାନେ ।

ଦୌଡ଼କୁଦ, ଏସ୍‌ପି ଅଫିସ କାର୍ଯ୍ୟାଳୟ ପରିସର ଇନ୍‌ଡୋର ହଲରେ ବାସ୍କେଟବଲ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ କ୍ରିକେଟ ଓ ଫୁଟବଲ ଆୟୋଜିତ ହେଉଛି। ଏହା ମେ ୧୫ରେ ଉଦ୍‌ଯାପିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦର ବସନ୍ତ କୁମାର ପାଣିଗ୍ରାହୀ, ଉପେନ୍ଦ୍ର ପଟ୍ଟନାୟକ, ବିଜୟ ଭାସ୍କର ସିଂ ସାମନ୍ତ, ଶରତ ଚନ୍ଦ୍ର ମହାପାତ୍ର, ଶିଶିର କୁମାର ପାଣିଗ୍ରାହୀ, ପ୍ରଭାକର ରାଓ, ସୁରେନ୍ଦ୍ର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ଓ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ।

